# ତହସିଲ କାର୍ଯ୍ୟାଳୟ, ନାଉଗାଁ

ବିଜ୍ଞାପନ ସଂଖ୍ୟା ୮୦୭ ତାରିଖ ୩୦-୭-୨୦୨୧

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ନାଉଗାଁ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ OMMC Rules-2016 ଅନୁଯାୟୀ FORM-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାଫାରେ Registered Post / Speed Post ଜରିଆରେ ତହସିଲଦାର ନାଉଗାଁଙ୍କ ଠିକଣାରେ ଆସନ୍ତା ତା.୦୫.୦୮.୨୦୨୧ ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ କରିପାରିବେ କିମ୍ବା ଦରଖାସ୍ତକାରୀ ସିଧାସଳଖ (ଛୁଟି ଦିନ ବ୍ୟତୀତ) ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପା ପକାଇ ପାରିବେ । ଲଫାଫା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ ର କ୍ରମିକ ସଂଖ୍ୟା ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ଅପରାହ୍ନ ୧ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଜଗତସିଂହପୁରଙ୍କ ଅଧିକାର ରହିଅଛି । ତା.୨୫.୦୮.୨୦୨୧ ରିଖ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା.୦୨.୦୯.୨୦୨୧ ରିଖ ର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ସେହିପରି ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା.୧୩.୦୯.୨୦୨୧ ରିଖ ର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଲିଜ ପାଇଁ ଉର୍ଦ୍ଦିଷ୍ଟ ଲଘୁ ଖାଦାନ (ବାଲି ସୈରାତ ଉତ୍ସ)ର ବିସ୍ତୃତ ବିବରଣୀ Annexure-I ରେ ଦିଆଯାଇଛି ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ଓ ସର୍ତ୍ତାବଳୀ

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦.୦୦(ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ ଫେରସ୍ତ ଦିଆଯିବ ନାହିଁ । (Head of Account- 0853 Non Ferrous Mining and Metrological Industries-102 Mineral Concession Fees, Rents & Royalties).

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା ୫%ହାରରେ ଧାର୍ଯ୍ୟ ହୋଇଥିବା ବାଲିର ପରିମାଣ ଉପରେ ଦେବାକୁ ଥିବା ଅମାନତ ରାଶି (Earnest Money) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର ନାଉଗାଁ ନାମରେ ପଇଠ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନସି ସାର୍ଟିଫିକେଟ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁଯାୟୀ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ଠାରୁ କମ ହୋଇନଥିବ ଓ ଏଥି ସହିତ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୬. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (www.jagasinghpur.nic.in) ରେ ଉପଲବ୍ଧ ହେବ ।

# ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ (OMMC Rule-2016) ର ପରିସରଭୁକ୍ତ ରହିବେ । ତେଣୁ ଲିଜ ଆବେଦନ ପୂର୍ବରୁ OMMC Rule-2016 କୁ ଭଲ ଭାବରେ ପଢି ନିଅନ୍ତୁ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରିଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରି ସମାନ ଅତିରିକ୍ତ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ମାଇନିଙ୍ଗ ପ୍ଲାନ ରେ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି (@Rs.35/cum) ପଇଠ କରିବେ । ଏଥିସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଦେୟ (DMFF) ରୟାଲିଟି ଏବଂ ଅତିରିକ୍ତ ଦେୟର ୧୦% ହିସାବରେ Environmental Management Fund (EMF) @୫% ହିସାବରେ ଧାର୍ଯ୍ୟ Surface Rent Dead Rent ମଧ୍ୟ ପଇଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ୍ଣ ରାଶି ପଇଠ ହେଲା ପରେ ରେଜିଷ୍ଟ୍ରେଶନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ଓ ତତ୍ ପରେ ଖାଦାନ ପରିଚାଳନା କରିବେ ।

୪. ଯଦି ସର୍ବୋଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନକରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ୱିତୀୟ ସର୍ବୋଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି ପ୍ରଥମ ସର୍ବୋଚ ମୂଲ୍ୟାଙ୍କ କରିଥିବା ଆବେଦନକାରିଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅବଗତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

୬. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent ଓ Royalty ପଇଠ କରିବେ ।

୭. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୮. କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଫର୍ମ-F ପାଇବାର ୧୫ ଦିନ ମଧ୍ୟରେ ଧାର୍ଯ୍ୟ Interest Free Security Deposit (OMMC Rule-2016 ଧାରା ୨୭(୭) ମୁତାବକ) ପଇଠ କରିବେ ଯାହାକି ଲିଜ ଅବଧି ପୂରଣ ହେବାପରେ (ଯଦି ନିଲାମଧାରୀ ସମସ୍ତ ସର୍ତ୍ତାବଳୀ ଓ ନିୟମ ଅନୁଯାୟୀ କାର୍ଯ୍ୟ କରିଥାନ୍ତି) ତାଙ୍କୁ ଫେରସ୍ତ ଦିଆଯିବ ।

୯. ନିଲାମଧାରୀ OMMC Rule-2016 ର ନିୟମ- ୩୩(୧-୨୯) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୧୦. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟ ର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ।

୧୧. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜ ଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବୀନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୧୨. ନିଲାମଧାରୀ ଜମା ରୟାଲିଟି ୨% ଆୟକର ବାବଦକୁ Lease Deed ସମ୍ପାଦନ କରିବା ପୂର୍ବରୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ଏବଂ ତାହାର ରସିଦ ଦାଖଲ କରିବେ ।

୧୩. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୪. ଲିଜଧାରୀ ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କ ପାଖରୁ Consent to establish & consent to operate ନିଜ ଖର୍ଚ୍ଚରେ ଲିଜ ଏଗ୍ରିମେଣ୍ଟ ପୂର୍ବରୁ ଦାଖଲ କରିବେ ।

୧୫. ଲିଜରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉକ୍ତ ଉତ୍ସ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୬. ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ନିଲାମଧାରୀ ପଇଠ କରିବେ ।

୧୭. ନିଲାମଧାରୀଙ୍କୁ (Successful Bidder) Lease Deed ସମ୍ପାଦନ କରିବା ପୂର୍ବରୁ Mining Plan ଓ Environment Clearance ପ୍ରସ୍ତୁତି ବାବଦ ସମସ୍ତ ଖର୍ଚ୍ଚ Competent Authority (ତହସିଲଦାର) ଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ ।

୧୮. ଯଦି ନିଲାମଧାରୀ ନିର୍ଦ୍ଧାରିତ ଲିଜ ଅବଧି ମଧ୍ୟରେ ଲିଜ ବାବଦକୁ ଥିବା ସମସ୍ତ ଦେୟ ଦେବାରେ ଖିଲାପ କରନ୍ତି ସେ ବାବଦକୁ ବାର୍ଷିକ ୨୪% (Simple interest rate) ହାରରେ ତାଙ୍କ ପାଖରୁ ଆଦାୟ କରାଯିବ ।

ତହସିଲଦାର, ନନ୍ଦିଗା

Annexure-1

## ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେସ ନଂ | ଲଘୁ ଖଣିଜାତ ଉତ୍ସ ର ନାମ | ମୌଜା | ଖାତା ନଂ | ଖସଡା | ରକବା | ରକବା (ହେକ୍ଟର) | ସର୍ବନିମ୍ନ ବାର୍ଷିକ ଥିବା ଖଣିଜ ପଦାର୍ଥର ପରିମାଣ ଘନ) (ମିଟର | ଅତିରିକ୍ତ ମୂଲ୍ୟ ଘନ) ମିଟର (ପ୍ରତି | ରୟାଲିଟି ମୂଲ୍ୟ ଘନ) ମିଟର (ପ୍ରତି | ଅମାନତ ପରିମାଣ |
|---|---|---|---|---|---|---|---|---|---|---|---|
| ୧ | ୩୧ /୨୦୨୦-୨୧ | ଏରଡା ଦେବୀ ନଦୀ ବାଲି ଉତ୍ସ | ଏରଡା | ୮୯୫ | ୯୬୯ | ଏ ୧୫.୦୦ | ୬.୦୭ | ୧୪୫୬୯ | ୨୩୫ /- | ୩୫ /- | ୧୯୬୬୮୨ /- |
| ୨ | ୩୦ /୨୦୨୦-୨୧ | ଶିଖର ଦେବୀ ନଦୀ ବାଲି ଉତ୍ସ | ଶିଖର | ୭୬୦ | ୧୪୮୨ | ଏ ୩୧.୦୦ | ୧୨.୫୪ | ୨୨୫୮୨ | ୬୦ /- | ୩୫ /- | ୧୦୭୨୬୫-/ |

ତହସିଲଦାର, ନନ୍ଦିଗା

ଜ୍ଞାପକ ସଂଖ୍ୟା ୮୦୮ /ତାରିଖ ୩୦-୬-୨୦୨୧

ଏହାର ଏକାକିତା ନକଲ ସର୍ବସାଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାଉଗାଁ / ସମସ୍ତ ସରପଞ୍ଚ କାର୍ଯ୍ୟାଳୟଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକାଜାରୀ ପାଇଁ ପଠାଗଲା ।

ଏହାର ଏକାକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକାଜାରୀ ପାଇଁ ପଠାଗଲା ।

ଉକ୍ତ ନୋଟିସର ନକଲ ରାଜସ୍ୱ ନିରିକ୍ଷକଙ୍କ ଅଧୀନରେ ଥିବା ସମସ୍ତସରପଞ୍ଚ କାର୍ଯ୍ୟାଳୟକୁ ପ୍ରେରଣ କରିବା ନିମନ୍ତେ ସମସ୍ତ ରାଜସ୍ୱ ନିରିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଗଲା ।

ତହସିଲଦାର, ନାଉଗାଁ

ଜ୍ଞାପକ ସଂଖ୍ୟା ୮୦୯ /ତାରିଖ ୩୦-୬-୨୦୨୧

ଏହାର ଏକାକିତା ନକଲ ଜିଲ୍ଲାପାଳ, ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନାଉଗାଁ

ଜ୍ଞାପକ ସଂଖ୍ୟା ୮୧୦ /ତାରିଖ ୩୦-୬-୨୦୨୧

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନାଉଗାଁ

ଜ୍ଞାପକ ସଂଖ୍ୟା ୮୧୧ /ତାରିଖ ୩୦-୬-୨୦୨୧

ଏହାର ଏକାକିତା ନକଲDIO, NIC, ଜଗତସିଂହପୁରଙ୍କ ଅବଗତି ଓ District Website ରେ Upload ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ନାଉଗାଁ